## ଚିକିତ୍ସାଧୀନ ବ୍ୟକ୍ତିଙ୍କ ମୃତ୍ୟୁ

ଆର.ଉଦୟଗିରି (ଡି.ଏନ.ଏ.): ମୋହନା ଥାନା ଅନ୍ତର୍ଗତ ଗୋଛାଗୁଡା ଘାଟିରେ ହୋଇଥିବା ଅଟୋ ଦୁର୍ଘଟଣାରେ ୭ଜଣ ଗୁରୁତରଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ। ସେଥିମଧ୍ୟରୁ ମଙ୍ଗଳା ମଳିକଙ୍କର ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମୃତ୍ୟୁ ହୋଇଛି। ଅନ୍ୟ ୩ଜଣ କେଶବ ତନ୍ତି, ରମେଶ ମଳିକ ଓ ନୟନ ମଳିକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୮।୫(ଡି.ଏନ୍.ଏ): ଦିଗପହଣ୍ଡି ସହରର ଏକ ଡ୍ରେସ ଦୋକାନରେ ସେଲସ୍ ମ୍ୟାନ ଭାବେ କାମ କରୁଥିବା ଜଣେ କର୍ମଜୀବୀ ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ଅଭିଯୋଗ ଭିତ୍ତିରେ ଦିଗପହଣ୍ଡି ଥାନା ଆଇଆଇସି ଦିପ୍ତିରଞ୍ଜନ ବେହେରା ମାମଲା ନଂ. ୧୭୧/୨୩ ଅନୁଯାୟୀ ମକଦ୍ଦମା ରୁଜୁ କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଥିବା ଜଣାପଡିଛି। ସେ ହେଲେ ଛତ୍ରପୁର ଥାନା ମୁନିସିପେଣ୍ଟ ଅଞ୍ଚଳର ସାଗର ନାୟକ। ସୋମବାର ସାଗରଙ୍କୁ ଦିଗପହଣ୍ଡି କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ପ୍ରକାରେ, କିଛି ଦିନ ପୂର୍ବେ ଯୁବତୀ ଜଣକ ଏକ ଘରୋଇ ଫାଇନାନ୍ସ କମ୍ପାନୀରୁ ଋଣ ନେଇଥିବା ବେଳେ ସାଗର କମ୍ପାନୀ ପକ୍ଷରୁ ଋଣ ଟଙ୍କା ଆଦାୟ ପାଇଁ ଯୁବତୀଙ୍କ ଗାଁକୁ ବିଭିନ୍ନ ସମୟରେ ଯିବାଆସିବା କରୁଥିଲେ। ଯୁବତୀ ଜଣକ ଏକ ଦୋକାନରେ ସେଲସ୍ ମ୍ୟାନ ଭାବେ କାମ କରୁଥିଲେ। ସାଗର ଯୁବତୀଙ୍କୁ ବାରମ୍ବାର କଲ କରି ତାଙ୍କୁ ହଇରାଣ କରିଆସୁଥିଲେ। ଶନିବାର ସାଗର ଯୁବତୀଙ୍କ ଘର ସମ୍ମୁଖରେ ପହଞ୍ଚି ସର୍ବସାଧାରଣଙ୍କ ସମ୍ମୁଖରେ ତାଙ୍କୁ ଟଣାଓଟରା କରି ଉଲଗ୍ନ କରିଦେବା ସହ ଧମକ ଚମକ ମଧ ଦେଇଥିଲେ। ଗାଁ ଲୋକ ରୁଣ୍ଡ ହୋଇଯିବାରୁ ସାଗର କୌଶଳ କ୍ରମେ ଚମ୍ପଟ ମାରିଥିଲେ। ଯୁବତୀ ଜଣକ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ।

## ଚନ୍ଦନ ଯାତ୍ରାରେ ମନ ମୋହୁଛି ପାର୍ଶ୍ୱ ମେଢ଼

ରମ୍ଭା,୮।୫: ଚନ୍ଦନ ଯାତ୍ରା ଦ୍ୱିତୀୟ ଦିବସରେ ଗହଳିଚହଳି ବୃଦ୍ଧି ପାଇଥିବା ବେଳେ ସନ୍ଧ୍ୟାରେ ବେଶଧାରୀଙ୍କ ପରିଭ୍ରମଣ ଓ ପାର୍ଶ୍ୱବର୍ତ୍ତି ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ସ୍ଥାପିତ ମେଢ଼ ଶ୍ରଦ୍ଧାଳୁଙ୍କ ମନମୋହିଛି। ଶ୍ରୀଜୀଉ ମଦନମୋହନ ମହାପ୍ରଭୁଙ୍କ ଚନ୍ଦନ ପୋଖରୀରେ ଚାପ ଖେଳ ସହ ସବାରିରେ ଘଣ୍ଟ କାହାଳି ମୃଦଙ୍ଗ ମାଧମରେ ସହର ଉପକଣ୍ଠ ପର୍ଯ୍ୟନ୍ତ ସୋମବାର କରଣ ବାଡ଼ ପକ୍ଷରୁ ପରିଭ୍ରମଣ କରାଯାଇଥିଲା। ଏଥି ସହିତ ସାହି ବସ୍ତିର ଦ୍ୱାର ମାନଙ୍କରେ ଭୋଗ ବାଢି ଠାକୁରଙ୍କ ପୂଜା କରାଯାଉଥିବା ଲକ୍ଷ୍ୟ କରାଯାଉଥିଲା। ତତ୍ ସଙ୍ଗେସଙ୍ଗେ ରାଜରାସ୍ତା ପାର୍ଶ୍ୱରେ ମନୋହର ଖେଳନା ସାମଗ୍ରୀ, ଗୁପଚୁପ, ଚାଟରେ ଭିଡ଼ ଜମୁଥିବା ଲକ୍ଷ୍ୟ କରାଯାଇଛି।

## ଜି.ଉଦୟଗିରି ନଗର କଂଗ୍ରେସ ସଭାପତି ହେଲେ ସୂର୍ଯ୍ୟକାନ୍ତ ନାୟକ

ଜି.ଉଦୟଗିରି,୮।୫(ଡି.ଏନ.ଏ.)- ଜି.ଉଦୟଗିରି ନଗର କଂଗ୍ରେସ ସଭାପତି ଭାବେ ସୂର୍ଯ୍ୟକାନ୍ତ ନାୟକ ମନୋନୀତ ହୋଇଛନ୍ତି। ଜିଲା ସଭାପତି ଆମନ କୁମାର ନାୟକ ତାଙ୍କ ନାମ ଘୋଷଣା କରିଛନ୍ତି। ସୂଚନା ପ୍ରକାରେ ଦୀର୍ଘ ଦିନ ହେବ ଏହି ପଦବୀଟି ଖାଲି ପଡିଥିଲା। ଘୋଷଣା ହେବା ପରେ ଜିଲା କଂଗ୍ରେସ ତରଫରୁ ଶୁଭେଚ୍ଛା ଦିଆଯାଇଥିବା ବେଳେ ନଗର କଂଗ୍ରେସ ତରଫରୁ ମଧ ଶୁଭେଚ୍ଛା ଜଣାଯାଇଛି ବୋଲି ଜିଲା ସମ୍ପାଦକ ଯାକେସ ଚନ୍ଦ୍ର ପ୍ରଧାନ କହିଛନ୍ତି। ଫଟୋ-ବିଏମ-୮-୪-ନଗର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ନାୟକ।

# ୮ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ୩ ଡିଗ୍ରୀ କଲେଜକୁ ୬.୨୫ କୋଟି

## ୫-ଟି ସଚିବଙ୍କ ଗସ୍ତର ୨୪ ଘଣ୍ଟା ନ ପୂରୁଣୁ ପଦକ୍ଷେପ

ଶେରଗଡ଼/ହିଞ୍ଜିଳିକାଟୁ, ୮।୫(ଡି.ଏନ.ଏ.):

୫-ଟି ସଚିବ ଭି.କେ. ପାଣ୍ଡିଆନ ରବିବାର ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକ ଗସ୍ତ କରି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଗସ୍ତର ୨୪ ଘଣ୍ଟା ନ ପୂରୁଣୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ସୋମବାର ଏହି ଦୁଇ ବ୍ଲକର ୮ଟି ହାଇସ୍କୁଲ ଓ ୩ଟି ଡିଗ୍ରୀ କଲେଜର ସ୍ମାର୍ଟ କ୍ଲାସରୁମ୍, ବିଜ୍ଞାନାଗାର, ଶୌଚାଳୟ ଓ ଅନ୍ୟାନ୍ୟ ମରାମତି ଓ ପୁନରୁଦ୍ଧାର ନିମନ୍ତେ ୬.୨୫ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ସହାୟତା ମଞ୍ଜୁର କରିଛନ୍ତି। ହିଞ୍ଜିଳି ବ୍ଲକ ଗଣ୍ଡଳାସ୍ଥିତ ବେଲେଶ୍ୱର ଡିଗ୍ରୀ କଲେଜକୁ ୨୫ଲକ୍ଷ, ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ କଲେଜକୁ ୧ କୋଟି ୨୫ଲକ୍ଷ, ଶେରଗଡ଼ ବ୍ଲକର ଉଦୟପ୍ରତାପ ବିଜ୍ଞାନ ମହାବିଦ୍ୟାଳୟକୁ ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ହିଞ୍ଜିଳିର ଗଣ୍ଡଳା ବେଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୨୫ଲକ୍ଷ, ପୋଚିଲିମାର ଖମ୍ବାୟାଦୋରା ବିଜ୍ଞାନ ମହାବିଦ୍ୟାଳୟକୁ ୫୦ଲକ୍ଷ, କଞ୍ଚୁରୁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୨୫ ଲକ୍ଷ, ଶାସନ ଆମ୍ବଗାଁସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ୨୫ଲକ୍ଷ, ହିଞ୍ଜିଳି ମ୍ୟୁନିସିପାଲିଟିରେ ଥିବା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୧ କୋଟି ୨୫ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ଶେରଗଡ ବ୍ଲକର ଉଦୟ ପ୍ରତାପ ବିଜ୍ଞାନ ଜୁନିୟର କଲେଜକୁ ୧ କୋଟି, ପିତ୍ତଳ ଜୁନିୟର କଲେଜକୁ ୫୦ଲକ୍ଷ, ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ୨୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏହି ଚିଠି ପାଇବା ପରେ ପିତ୍ତଳରୁ ମାଧବାନନ୍ଦ ପଣ୍ଡା, ଶରତ ଚନ୍ଦ୍ର ପାତ୍ର, ଶେରଗଡରୁ ହୃଷୀକେଶ ପାଢ଼ୀ, ସବିତାରାଣୀ ଚୌଧୁରୀ, ବାସୁଦେବ ସ୍ୱାଇଁ, ହୀନ ବେହେରା, ଭଞ୍ଜନଗର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ବିଡିଓ ଶିବାଶିଷ ବରାଳ, ତହସିଲଦାର ତ୍ରିଦେବ ରଥ, ଦୁର୍ଗାପ୍ରସାଦ ବିଷୋୟୀ, ଉପେନ୍ଦ୍ର ବାଡତ୍ୟା ଓ ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ୫-ଟି ସଚିବ ପାଣ୍ଡିୟାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ଓ ରବିବାର ଦୁଇ ଦିନିଆ ଗଞ୍ଜାମ ଜିଲା ହିଞ୍ଜିଳି ନିର୍ବାଚନ ମଣ୍ଡଳୀ, ଶେରଗଡ଼ ଗସ୍ତ କରି ଲୋକଙ୍କ ସମସ୍ୟା ଶୁଣିବା ସହିତ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଭିନ୍ନ ମନ୍ଦିର, ଡାକ୍ତରଖାନା, ୫-ଟି ରୂପାନ୍ତରିତ ସ୍କୁଲକୁ ଯାଇ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ଆୟୋଜିତ ମହିଳା ସମାବେଶରେ ଯୋଗଦେଇ ମିଶନ ଶକ୍ତି ଗୋଷ୍ଠୀ ମହିଳାମାନଙ୍କୁ ସରକାରୀ ଯୋଜନା ସମ୍ପର୍କରେ ବୁଝାଇବା ସହିତ ଯାହାବି ସମସ୍ୟା ରହିଛି ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ପୂରଣ କରିବେ ବୋଲି ୫-ଟି ସଚିବ କହିଥିଲେ। ଉତ୍ପାଦିତ ସାମଗ୍ରୀର ବିକ୍ରିବଟା କିଭଳି ଜିଲା ଓ ରାଜ୍ୟସ୍ତରରେ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବା ପାଇଁ ଜିଲାପାଳ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ, ଡିପିସି ମିଶନ୍ ଶକ୍ତି, ଜିଲା ଯୋଜନା ପରିଚାଳକ, ଓଡିଶା ଜୀବନ ଜୀବିକା ମିଶନଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟଠାରେ ମୋ ହସ୍ପିଟାଲ, ବ୍ଲକ୍ କାର୍ଯ୍ୟାଳୟ, ମିଶନ୍ ଶକ୍ତି କାଫେ, ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ସମୀକ୍ଷା ଏବଂ ଅଗ୍ରଗତିର ତଦାରଖ କରିଥିଲେ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର. ଭିନୀଲ କ୍ରିଷ୍ଣା, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ରେଡ୍‌କ୍ରସ ଦିବସ



ମଞ୍ଚାସୀନ ଅତିଥିବୃନ୍ଦ।

ଭଞ୍ଜନଗର, ୮।୫(ଡି.ଏନ୍.ଏ):

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ସୋମବାର ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଡ. ଜୟରାମ ସେନାପତି ବୈଠକରେ ଅଧ୍ୟକ୍ଷତା କରି ରେଡକ୍ରସ ଦିବସ ସମ୍ପର୍କରେ କହିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ସାତ୍ୟକି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ଭୂମିକା, ରେଡକ୍ରସର ଉତ୍ପତ୍ତି ସମ୍ପର୍କରେ କହିଥିଲେ। ରେଡକ୍ରସ ସଂଯୋଜିକା ମୋନାଲିସା ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ପ୍ରେମଚାନ୍ଦ ମାଲିକ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିରାଟ ପଟୁଆରରେ ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମା


ପଞ୍ଚ ଠାକୁରାଣୀଙ୍କ ସହର ପରିକ୍ରମା।

ବୁଗୁଡ଼ା,୮।୫(ଡି.ଏନ.ଏ.)
ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରା ସୋମବାର ତ୍ରୟୋଦଶ ଦିବସରେ ପହଞ୍ଚିଥିବା ବେଳେ ସ୍ଥାନୀୟ ଶ୍ରୀତ୍ରିନାଥ ସ୍ୱାମୀ ପରିବା ବଜାର ବ୍ୟବସାୟୀ ସଂଘ ପକ୍ଷରୁ ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମା ସହ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବଡଦାଣ୍ଡସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ଯଥା ବିଧି ପୂର୍ବକ ପଞ୍ଚ ପୁରୋହିତ ମା'ଙ୍କ ପୂଜାର୍ଚ୍ଚନା ସମ୍ପାଦନ କରିଥିବା ବେଳେ ସନ୍ଧ୍ୟାରେ ୧୦୮ ଆଳତି ପରେ ଘଟ ପରିକ୍ରମାର ଶୁଭାରମ୍ଭ ହୋଇଥିଲା। ପଞ୍ଚ ମାନସିକଧାରୀ ମହିଳା ମାମାଲି ସାହୁ, ମହାଲକ୍ଷ୍ମୀ ପ୍ରଧାନ, ଉର୍ମିଳା ସାହୁ, ବବିତା ସାହୁ, ରଶ୍ମିତା ରାଜୁ ପ୍ରମୁଖ ଘଟ ଧାରଣ ପୂର୍ବକ ବଳଦେବ ମନ୍ଦିର, ଥାନା ରୋଡ, ହାଇସ୍କୁଲ ଛକ, ନୂଆଁ ବସଷ୍ଟାଣ୍ଡ, ମଦନ ମୋହନ ଛକ ପରିବା ମାର୍କେଟ୍, ବୁଦ୍ଧଖୋଲ ଛକ, ପୋଲସରା ରୋଡ ଆଦି ପରିକ୍ରମା କରି ସ୍ୱଆସ୍ଥାନକୁ ଫେରିଥିଲେ। ଅନ୍ୟପକ୍ଷରେ ସୋମବାର କୁମ୍ଭାର ସାହିର କୃଷ୍ଣ-ଅର୍ଜୁନ-ଭୀଷ୍ମ ମେଢ ଏବଂ ରଘୁନାଥ ସାହିର ଜଗନ୍ନାଥ ମେଢ ଲୋକାର୍ପିତ ହୋଇଥିଲା।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଖଜୁରୀପଡା,୮।୫(ଡି.ଏନ୍.ଏ):

କନ୍ଧମାଳ ଜିଲା ଖଜୁରୀପଡା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୋଟ ୫୨ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିରେ ଉପ ଜିଲାପାଳ ଶେଷଦେବ ମିଶ୍ର, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବର, ସଦର ଏସଡିପିଓ ସୁପ୍ରସନ ମଲ୍ଲିକ, ଖଜୁରୀପଡା ବିଡିଓ ଅନୁପମା ଘୋଷ, ତହସିଲଦାର ବିଜୟ ପ୍ରଧାନ, ଥାନା ଅଧିକାରୀ ଗେଲ୍ପୀ କୁମାରୀ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ପାତ୍ରପୁର, ୮।୫(ଡି.ଏନ୍.ଏ):
ଜରଡ଼ା ଥାନା ଅନ୍ତର୍ଗତ ଦେଶାରି ଗ୍ରାମର ଏକ ତୋଟାରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସୋମବାର ସନ୍ଧ୍ୟାରେ ଗ୍ରାମର କିଛି ଲୋକ କୌଣସି କାରଣରୁ ତୋଟାକୁ ଯାଇଥିବା ବେଳେ ଏକ ପାଣ୍ଠୁ ଗଛରେ ଯୁବତୀଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ଏନେଇ ଗ୍ରାମରେ ଜଣାଇବା ସହ ଜରଡ଼ା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଯୁବତୀ ଜଣକ ତିନିଘରିଆ ଗ୍ରାମର ମାନସୀ ପ୍ରଧାନ ବୋଲି ଜଣାପଡିଛି। ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଲୁଟ୍ ଟଙ୍କା ଉଦ୍ଧାର, ୩ ଗିରଫ


ଗିରଫ ୩ ଅଭିଯୁକ୍ତ।

ଖଲ୍ଲିକୋଟ, ୮।୫(ଡି.ଏନ୍.ଏ.):

ଖଲ୍ଲିକୋଟ ବଡ଼ଘାଟି କାଜୁ ଜଙ୍ଗଲ ନିକଟରେ ଲୁଟ୍ ହୋଇଥିବା ୩୫୦୦ ଟଙ୍କା ପୋଲିସ ଉଦ୍ଧାର କରିବା ସହ ୩ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୦ଟାରେ କେନ୍ଦୁପାଟ ଗ୍ରାମର ଆଦିତ୍ୟ କୁମାର ରାଉତ ବାଇକ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ବଡ଼ଘାଟି କାଜୁ ଜଙ୍ଗଲ ନିକଟରେ ୩ ଜଣ ଯୁବକ ବାଇକ ଅଟକାଇ ଜୋର ଜବରଦସ୍ତ ୩୫୦୦ ଟଙ୍କା ଛଡାଇ ନେଇଥିଲେ। ଖବର ପାଇ ଖଲ୍ଲିକୋଟ ପୋଲିସ ଚଢ଼ାଉ କରି ୩ ଲୁଟେରାଙ୍କୁ ଗିରଫ କରିବା ସହ ଲୁଟ ଟଙ୍କା ଉଦ୍ଧାର କରିଥିଲା। ଏ ସମ୍ପର୍କରେ ଖଲ୍ଲିକୋଟ ଥାନା କେସ ନମ୍ବର ୩୨୬/୨୦୨୩ ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ୩ ଲୁଟେରା ହେଲେ ଶିବ ଜାଲି(୩୦), ସଂଗ୍ରାମ ଜାଲି(୨୪) ଓ ବିନାୟକ ବେହେରା(୨୪)। ଉଦ୍ଧାର ଟଙ୍କା ଆଦିତ୍ୟ ରାଉତଙ୍କୁ ପୋଲିସ ହସ୍ତାନ୍ତର କରିଛି।

## ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭଖୁଣ୍ଟି ସ୍ଥାପନ

ରମ୍ଭା,୮।୫


ଶୁଭଖୁଣ୍ଟି ସ୍ଥାପନ ନେଇ ପୂଜାର୍ଚ୍ଚନା କରାଯାଉଛି।

ସ୍ଥାନୀୟ ମିଞ୍ଜିଣିପାଟଣା ପାର୍ଶ୍ୱରେ ଅବସ୍ଥିତ ବାବା ଆଖଣ୍ଡଳମଣିର ପ୍ରତିଷ୍ଠା ଉତ୍ସବ ସାଙ୍ଗକୁ ଆସନ୍ତା ୨୮ରୁ ଜୁନ୍ ୨ ପର୍ଯ୍ୟନ୍ତ ନାମଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ପୂର୍ବରୁ ରବିବାର ବରିଷ୍ଠ କର୍ମକାଣ୍ଡ ବିଶାରଦ ମନୋରଞ୍ଜନ ଶତପଥୀ, ପ୍ରତାପ ତ୍ରିପାଠୀ, ମନ୍ଦିର ପୂଜକ ବିଶ୍ୱନାଥ ରଥଙ୍କ ପୌରୋହିତ୍ୟରେ ପୂଜାବିଧି ସମାପନ ହୋଇଛି। କର୍ତ୍ତା ରୂପେ ରାମଭକ୍ତ ଜେ ଗଙ୍ଗା ପାତ୍ର, ସ୍ତ୍ରୀ ଜେ ସୁଭଦ୍ରା, ସହଯୋଗୀ ଏ ମୋଚିରାମ ପାତ୍ର, ସ୍ତ୍ରୀ ଏ ସିତାମା ରହିଥିଲେ। ମନ୍ଦିରର ନିର୍ମାଣ ଶିଳ୍ପୀ ସନ୍ତୋଷ ମହାରଣା ଉପସ୍ଥିତ ଥିବା ବେଳେ ସହଯୋଗ କରିଥିଲେ ଅନୁଷ୍ଠାନର ସଭାପତି ଆର ସୋମନାଥ ରେଡ଼ି, ଆର ଶିବା ରେଡ଼ି, ଜେ ଲୋକନାଥ ପାତ୍ର, କେ ଗୋପାଳ, ଏସ୍ ସାକିରି ପାତ୍ର, ଏସ୍ ଗଙ୍ଗା ପାତ୍ର, ଆର ଆଦର୍ଶ ରେଡ଼ି, ଏ ରଘୁନାଥ ପାତ୍ର, ବି ଦଣ୍ଡପାଣି ପାତ୍ର, ଏନ୍ ଉମ୍ବୁରୁଧର ପାତ୍ର ଓ ଶ୍ରମିକ ନେତା ଜେ ଭାସ୍କର ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିସହିତ ଗ୍ରାମର କଳାକାର ମଣ୍ଡଳୀ ମୃଦଙ୍ଗ ଗାୟନ ସାଙ୍ଗକୁ ତାଳ ଧରି ନାଚିଥିଲେ।

## ଜେନେରେଟର କରେଣ୍ଟ ଲାଗି ଯବାନଙ୍କ ମୃତ୍ୟୁ

ବାଲିଗୁଡା, ୮।୫ (ଡି.ଏନ.ଏ):

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡର ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ଭଣ୍ଡରଙ୍ଗି ସିଆରପିଏଫ କ୍ୟାମ୍ପରେ ଅଘଟଣ ଘଟିଛି। ଜେନେରେଟର କରେଣ୍ଟ ଲାଗି ଜଣେ ଯବାନଙ୍କ ସୋମବାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଯବାନ ହେଉଛନ୍ତି ଯାଜପୁର ଜିଲା ବାଲିଚାନ୍ଦପୁର ଥାନା ବଡ଼ ବାଲିକୁଦା ଅଞ୍ଚଳର ତୁଷାରକାନ୍ତି ଦାସ। ସୂଚନା ପ୍ରକାରେ, ମାଓପ୍ରବଣ ଅଞ୍ଚଳ ତୁମୁଡ଼ିବନ୍ଧ ବ୍ଲକ ବେଲଘର ଥାନା ଅନ୍ତର୍ଗତ ଭଣ୍ଡରଙ୍ଗି ଗ୍ରାମରେ ରହିଥିବା ସିଆରପିଏଫ ନୂତନ କ୍ୟାମ୍ପରେ ତୁଷାରକାନ୍ତି ମୁତୟନ ଥିବାବେଳେ ଜେନେରେଟର ଇଲେକ୍ଟ୍ରି କାମ କରୁଥିବା ବେଳେ ଅସାବଧାନତା କାରଣରୁ ବିଦ୍ୟୁତ ଆଘାତ ଲାଗି ଗୁରୁତର ହୋଇପଡ଼ିଥିଲେ। ବିଭାଗୀୟ ଉପରିସ୍ଥ ଅଧିକାରୀ ଓ ସହକାରୀ ତୁଷାରକାନ୍ତିଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତରଖାନାରେ ତୁଷାରକାନ୍ତିଙ୍କୁ ମୃତ ଘୋଷଣା କରାଯାଇଥିଲା। ବ୍ୟବଚ୍ଛେଦ ପରେ କମାଣ୍ଡାଣ୍ଟଙ୍କ ଆନନ୍ଦ ଝା ସମେତ ବାଲିଗୁଡ଼ା ଥାନା ଅଧିକାରୀ ବାବାଶଙ୍କର ସରାଫ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ମର ଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରିବା ପରେ ମୃତ ଯବାନଙ୍କ ମରଶରୀରକୁ ତାଙ୍କ ଗାଁକୁ ପଠାଇଥିବା ଜଣାପଡ଼ିଛି।

## ୬ଷ୍ଠ ଦିନରେ ଭଞ୍ଜନଗର ଠାକୁରାଣୀ ଯାତ୍ରା


ଯୋଡ଼ି ଶଙ୍ଖ ନୃତ୍ୟ ପରିବେଷଣ ହେଉଛି।

ଭଞ୍ଜନଗର, ୮।୫(ଡି.ଏନ୍.ଏ):

ଭଞ୍ଜନଗର ଠାକୁରାଣୀ ଯାତ୍ରା ସୋମବାର ଷଷ୍ଠ ଦିବସରେ ପହଁଞ୍ଚିଛି। ବିଳମ୍ବିତ ସନ୍ଧ୍ୟାରେ ଦେବୀ ଅସ୍ଥାୟୀ ମଣ୍ଡପରୁ ପୂର୍ବ ମୁଖା ହୋଇ ବାହାରିବା ପରେ ମୁଖ୍ୟ ସଡକ ହୋଇ ଆନ୍ଧ୍ର ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଫେରି ବ୍ରାହ୍ମଣସାହି, ରେଡକ୍ରସ ରୋଡ, ମରାଠୀସାହି, ଜେଲରୋଡ, ମୁଖ୍ୟ ସଡକ ହୋଇ ଅସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲେ। ପାରମ୍ପରିକ ନୃତ୍ୟ ସହ ଯୋଡ଼ି ଶଙ୍ଖ, ମୃଦଙ୍ଗ ତାଳେ ତାଳେ ଦେବୀ ନଗର ଭ୍ରମଣ କରୁଛନ୍ତି।

## ଘୋଷାମଣି ଠାକୁରାଣୀ ଯାତ୍ରା ଆରମ୍ଭ

କୁକୁଡାଖଣ୍ଡି, ୮।୫ (ଡି.ଏନ୍.ଏ):

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ଗ୍ରାମର ଆଦିଶକ୍ତି ମା' ଘୋଷାମଣିଙ୍କ ଠାକୁରାଣୀ ଯାତ୍ରା ସୋମବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ଏହି ଯାତ୍ରା ପ୍ରତି ୫ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ହୁଏ। ଦେଶୀବେହେରା ଓ ତାଙ୍କ ପତ୍ନୀଙ୍କ ସମେତ ଗ୍ରାମବାସୀ ପ୍ରଥମେ ମା' ଘୋଷାମଣିଙ୍କ ମନ୍ଦିରକୁ ଯାଇ ମା'ଙ୍କୁ ଆମନ୍ତ୍ରଣ କରିଥିଲେ। ପୂଜାର୍ଚ୍ଚନା କରାଯିବା ପରେ ଆଜ୍ଞାମାଳ ଆଣି ଦେଶୀବେହେରା ସାହିରେ ଥିବା ଅସ୍ଥାୟୀ ମଣ୍ଡପକୁ ବିଜେ କରିଥିଲେ। ମଙ୍ଗଳବାର ମା' ଅସ୍ଥାୟୀ ମଣ୍ଡପରେ ବିଶ୍ରାମ କରିବେ ଏବଂ ତା' ପରଦିନ ମା'ଙ୍କ ଘଟ ସାହି ପରିକ୍ରମା କରିବ। ସୋମବାର ରାତିରେ ସାମାଜିକ ନାଟକ ପରିବେଷଣ ହେଇଥିଲା। ଯାତ୍ରାକମିଟି ସଭାପତି କାମାକ୍ଷା ପ୍ରାସାଦପାତ୍ର, ଉପସଭାପତି ସୁରେଶ ଚନ୍ଦ୍ର ଦଳେଇ, ସମ୍ପାଦକ ଶିବ ପ୍ରସାଦ ଦୋରା, ସହ ସମ୍ପାଦକ ସପନ କୁମାର ରାଉଳ, କୋଷାଧକ୍ଷ ପି. ଗୋପାଳ ରାଓ ଦୋରା, ଟୁକୁନା ସେଠୀ, ପ୍ରଦୀପ କୁମାର ବେହେରା, ଉପଦେଷ୍ଟା ଭାବେ ସାକା ସୁଜିତ, ଦିବାକର ପାତ୍ର, ନିତ୍ୟାନନ୍ଦ ଦଳେଇ, ଏ. ଚିନ୍ତାମଣି, ଶ୍ରୀନିବାସ ରାଉଳ, କେ. ମଣିବାବୁ, କୈଳାଶ ରଣା, ଭବାନୀ ଶଙ୍କର ବିଶ୍ୱାଳ, ଜୟରାମ କୋଠିଆ, ରଞ୍ଜନ ପଟ୍ଟନାୟକ, ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ସଭ୍ୟ ଭାବେ ସରପଞ୍ଚ ବନ୍ଦନା ସେଠୀ, ସମିତି ସଭ୍ୟ ଅଶୋକ ଦାସ, ବନବାସୀ ପାଢ଼ୀ, ଏମ. କେଶବ ରାଓ, ସମୀର କୁମାର ପଟ୍ଟନାୟକ,ଏ.ଚେନେୟା ପ୍ରମୁଖ ଉପସ୍ଥିତ ଥିଲେ।


ମା'ଙ୍କ ଆଜ୍ଞାମାଳ ନିଆଯାଉଛି।

## ସଂକ୍ଷେପରେ

### ମହିଳା ମହାସଂଘର ୨୬ ଲକ୍ଷ ହଡ଼ପ ଅଭିଯୋଗ

ଗୋପାଳପୁର,୮।୫(ଡି.ଏନ.ଏ.): ପଞ୍ଚାୟତସ୍ତରୀୟ ମହିଳା ମହାସଂଘର ୨୬ଲକ୍ଷ ୬୦୦ ଟଙ୍କା ହଡ଼ପ ହୋଇଥିବା ନେଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଥିବା ବେଳେ କାହାରିକୁ ଗିରଫ କରାଯାଇ ନାହିଁ। ସୂଚନାନୁସାରେ, ଗିରିସୋଲା ପଞ୍ଚାୟତସ୍ତରୀୟ ମହାସଂଘରେ ୨୦୨୧ ଅକ୍ଟୋବରରୁ ୨୦୨୨ ଫେବୃଆରୀ ମଧ୍ୟରେ ସେହି ପଞ୍ଚାୟତର ଜଣେ ଏମବିକେ ୧୪ ଟି ବ୍ଲାଙ୍କ ଚେକ ମାଧ୍ୟମରେ ୩ଟି ଆକାଉଣ୍ଟରୁ ସଭାନେତ୍ରୀ ଓ ସମ୍ପାଦିକାଙ୍କ ଦସ୍ତଖତ କରାଇ ୨୬ ଲକ୍ଷ ୬୦୦ ଟଙ୍କା ଉଠାଇ ନେଇଥିଲେ। ପରବର୍ତ୍ତୀ ସମୟରେ ମହିଳାମାନେ ଜାଣିବା ପରେ ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ପାଇନଥିଲେ। ଇତିମଧ୍ୟରେ ଗତ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ପ୍ରାଣୀମିତ୍ର, କୃଷିମିତ୍ର, ସିଆରପି ଓ ଏମବିକେ ୧୫ ଜଣଙ୍କର ପାରିଶ୍ରମିକ ଦିଆଯାଇନାହିଁ। ଏନେଇ ଚିକିଟି ବ୍ଲକ ବିଡ଼ିଓଙ୍କ ନିକଟରେ ଅଡ଼ିବସିଲା ପରେ ବାଧହୋଇ ଏକ ବର୍ଷ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନା କେସ୍ ନଂ ୧୯୮/୨୩ ପ୍ରକାରେ ଠକେଇ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଜଣେ ଏମବିକେ ଓ ୯ ଜଣଙ୍କ ନାଁରେ ପୋଲିସ ମାମଲା ରୁଜୁ କରିଛି।

### ଟିକାମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫-ଟି ରୂପାନ୍ତରିତ କାର୍ଯ୍ୟକ୍ରମ

ଆର.ଉଦୟଗିରି,୮।୫(ଡି.ଏନ.ଏ.): ଟିକାମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫-ଟି ରୂପାନ୍ତରିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ ଖାରସେଲ ସମ୍ମାନିତ ଅତିଥି ରୂପେ ଯୋଗଦେବା ସହ ଆର. ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀ ଦେବଦାସ ତମରାପୁ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ତପସ୍ୱିନୀ ସାହୁ, ଶବରପଲ୍ଲୀ ସରପଞ୍ଚ ଫୁଲମତି ରଇତ, ସହକାରୀ ଯନ୍ତ୍ରୀ ସୁଦିପ୍ତୀ ପତିହାରୀ ପ୍ରମୁଖ ଯୋଗଦାନ କରିଥିଲେ। କେ. ଏମ. ଭାଲିଆସାହିର ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରା ୫-ଟି ରୂପାନ୍ତରଣର ମହତ୍ତ୍ୱକୁ ବୁଝାଇଥିଲେ। ପ୍ରଧାନଶିକ୍ଷକ ଅଭୟ କୁମାର ଦାସ ସଭାପତିତ୍ୱ କରିଥିଲେ।

# ଆଶୁତୋଷଙ୍କୁ ଗିରଫ କରି ଚୁପ୍ ବସିଛି ଇଓଡବ୍ଲ୍ୟୁ

■ ୮ କୋଟି ଟଙ୍କା ଋଣ ଠକେଇ ଘଟଣା
■ କୋଅପରେଟିଭ ସୋସାଇଟିକୁ ନେଇ ଚର୍ଚ୍ଚା

ଫୁଲବାଣୀ ଅଫିସ, ୮।୫

ଫୁଲବାଣୀ ଷ୍ଟେଟ ବ୍ୟାଙ୍କରେ ୮ କୋଟି ଟଙ୍କା ଋଣ ଠକେଇ ଘଟଣାରେ ପୂର୍ବତନ ସହକାରୀ ପରିଚାଳକ ତଥା ଫିଲ୍ଡ ଅଫିସର ଆଶୁତୋଷ ଆଚାର୍ଯ୍ୟଙ୍କୁ ଇଓଡବ୍ଲୁ ଗିରଫ କରି ଚୁପ୍‌ବସିଛି। ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ଏତଲାରେ ଆହୁରି କିଛି ବ୍ୟକ୍ତିଙ୍କ ନାମ ଥିବାବେଳେ ସେମାନଙ୍କୁ ଗିରଫ କରା ନ ଯିବା ପଛରେ କି ରହସ୍ୟ ରହିଛି ତାହାକୁ ନେଇ ଏବେ ଚର୍ଚ୍ଚା ଜୋରଧରିଛି। କାରଣ ଏତଲାରେ ଦର୍ଶାଯାଇଥିବା ବ୍ୟକ୍ତିଙ୍କ ଆକାଉଣ୍ଟକୁ ଲକ୍ଷ ଲକ୍ଷ ଟଙ୍କା ପଠାଯାଇଛି। ସେହିପରି ଏକ କୋଅପରେଟିଭ ସଂସ୍ଥାର ଅକାଉଣ୍ଟକୁ ମଧ୍ୟ ଆଶୁତୋଷ ଲକ୍ଷ ଲକ୍ଷ ଟଙ୍କା ପଠାଇଛନ୍ତି। ସେହି ସଂସ୍ଥାର ମାଲିକ କିଏ ଏବଂ ତାଙ୍କୁ କାହିଁକି ଟଙ୍କା ପଠାଯାଇଛି ତାହାର ଉତ୍ତର ଆଜି ପର୍ଯ୍ୟନ୍ତ ମିଳୁନାହିଁ।

ବିଶେଷ ସୂତ୍ରରୁ ଜଣାପଡିଛି, ଏହି କୋଅପରେଟିଭ ସଂସ୍ଥାକୁ ଫୁଲବାଣୀ ଯୋଗାଣ ବିଭାଗର ପୂର୍ବତନ ସପ୍ଲାଇ ଇନ୍ସପେକ୍ଟର ସମରେଶ ରଞ୍ଜନ ଦାସ ଚଳାଉଥିଲେ। ଯିଏ କି ଫୁଲବାଣୀରେ କାର୍ଯ୍ୟରତ ବହୁ ବରିଷ୍ଠ ସରକାରୀ ଅଧିକାରୀଙ୍କ ଟଙ୍କାକୁ କମ୍ ଦିନରେ ଦ୍ୱିଗୁଣ କରିବାକୁ କହି ନେଇଛନ୍ତି। ପରିସ୍ଥିତି ଏପରି ହୋଇଛି ଏବେ ସେହି ସବୁ ବାବୁଙ୍କ ନିଦ ହଜିଯାଇଛି। ସମରେଶଙ୍କ ସହ ଆଶୁତୋଷଙ୍କ କ'ଣ ସମ୍ପର୍କ ସେହି ରହସ୍ୟ ଉପରୁ ଇଓଡବ୍ଲ୍ୟୁ ଆଜି ପର୍ଯ୍ୟନ୍ତ ପରଦା ଉଠାଉନାହିଁ। ସେପଟେ ସମରେଶ ଚାକିରିରୁ ବହିସ୍କୃତ ହୋଇଛନ୍ତି।

ଫୁଲବାଣୀ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ତତ୍କାଳୀନ ଡେପୁଟି ମ୍ୟାନେଜର ଆଶୁତୋଷ ୫୯ ଜଣଙ୍କ ନାମରେ ସରକାରୀ ଚାକିରିଆମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ୍ସପ୍ରେସ କ୍ରେଡିଟ ଲୋନ ମଞ୍ଜୁର କରିଥିଲେ, ଯାହାର ପରିମାଣ ଥିଲା ୬ କୋଟି ୭୭ ଲକ୍ଷ ୩୦ ହଜାର ଟଙ୍କା। ସେହିଭଳି ସେ ୨୬ ଜଣଙ୍କ ନାମରେ ୯୯ ଲକ୍ଷ ୮୨ ହଜାର ୭୯୫ ଟଙ୍କାର ପେନସନ ଋଣ ମଞ୍ଜୁର କରିଥିଲେ। ଏହିଭଳି ଭାବେ ସମୁଦାୟ ୮ କୋଟି ୧ ଲକ୍ଷ ୮୭ ହଜାର ଟଙ୍କା ଋଣ ମଞ୍ଜୁର କରାଯାଇଥିଲା। ଯାହାକି ପରବର୍ତ୍ତୀ ସମୟରେ ଆଶୁତୋଷ ନିଜ ଘର ଲୋକଙ୍କ ଆକାଉଣ୍ଟକୁ ପଠାଇ ଦେଇଥିଲେ। ସେହିପରି ଭୁବନେଶ୍ୱରରେ ଥିବା ଏକ କୋଅପରେଟିଭ ସୋସାଇଟି ଆକାଉଣ୍ଟକୁ ୪୨ ଲକ୍ଷ ୪୩ ହଜାର ୧୦୪ ଟଙ୍କା ଯାଇଥିବା ଏତଲାରେ ଦର୍ଶାଯାଇଛି। ଉକ୍ତ ଚିଟ୍‌ଫଣ୍ଡ କୋଅପରେଟିଭ ସୋସାଇଟିକୁ ଆଶୁତୋଷ ଓ ସମରେଶ ଚଳାଉଥବା ନେଇ ମଧ୍ୟ ବିଶେଷ ସୂତ୍ରରୁ ଖବର ମିଳିଛି। ସମରେଶ ରଂଜନ ଦାସଙ୍କ ଆକାଉଣ୍ଟକୁ ୧ କୋଟି ୪୬ଲକ୍ଷ ୩୦ହଜାର ଟଙ୍କା ପଠାଯାଇଛି। ଏତେ ବଡ ଠକେଇର କିଙ୍ଗ୍ ପିନ୍ ଆଶୁତୋଷ ଗରିଫ ହୋଇଛନ୍ତି। ଏଥିରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିଙ୍କୁ ଗିରଫ କରାଗଲେ ସମ୍ପୂର୍ଣ୍ଣ ଘଟଣା ପଦାକୁ ଆସିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ସୂଚନାଯୋଗ୍ୟ, ଋଣ ନେଇଥିବା ୮୫ ଜଣଙ୍କୁ ପରିଶୋଧ କରିବା ପାଇଁ ବ୍ୟାଙ୍କ ବାରମ୍ବାର ନୋଟିସ କରିଥିଲା। ସେମାନେ ନ ଶୁଝିବାରୁ ବ୍ୟାଙ୍କ ଏମାନଙ୍କୁ ଏନପିଏ ଘୋଷଣା କରିଥିଲା। ପରେ ବ୍ୟାଙ୍କ କ୍ରେଡିଟ ଟିମ ଓ ଏନପିଏ ଟିମ ଯାଞ୍ଚ କରିବା ପରେ, ଜାଲିଆତି କରି ଋଣ ନିଆଯାଇଥିବା ଜଣାପଡିଥିଲା। ଏନେଇ ବ୍ୟାଙ୍କ ପରିଚାଳକ ଇଓଡବ୍ଲୁରେ ଅଭିଯୋଗ କରିଥିଲେ। ଅଭିଯୋଗ ହେବା ପରେ ଆଶୁତୋଷଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାରେ ଏ ନେଇ ୧୪/୨୩ ରେ ଏକ ମାମଲା ରୁଜୁକରାଯାଇ ତଦନ୍ତ ଚାଲିଥିଲା।

# ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ



ଆସିକା ବିଜ୍ଞାନ ମହାବିଦ୍ୟାଳୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା, ୮।୫(ଡି.ଏନ୍.ଏ): ଆସିକା ବିଜ୍ଞାନ ମହାବିଦ୍ୟାଳୟ ଓ କେନ୍ଦୁପଦରସ୍ଥିତ ଏନବିସି କଲେଜରେ ସୋମବାର ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଥିଲା। ଯୁବ ରେଡକ୍ରସ ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ କୋଟିନଡା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହା ଏବଂ ମୁଖ୍ୟବକ୍ତା ରୂପେ କଲେଜ ପରିଚାଳନା କମିଟିର ସଭାପତି ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ ଯୋଗଦେଇଥିଲେ। ଅତିଥିମାନେ ରେଡକ୍ରସର ପ୍ରତିଷ୍ଠାତା ଜନ୍ ହେନେରୀ ଡୁନାଟଙ୍କ ଜନ୍ମ ଦିବସକୁ ସ୍ମରଣୀୟ ରଖିବା ଲାଗି ଏହି ଦିବସ ପାଳନ କରାଯାଉଥିବା ସୂଚନା ଦେଇଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଦେବବ୍ରତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଅଧ୍ୟାପକ ରାଜେଶ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି କେନ୍ଦୁପଦରସ୍ଥିତ ଏନବିସି କଲେଜରେ ଯୁବ ରେଡକ୍ରସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ସୁରେନ୍ଦ୍ରନାଥ ସାବତ ଅଧ୍ୟକ୍ଷତା କରିଥିଲେ। ଯୁବ ରେଡକ୍ରସ ଓ ଜିଲା ସଂଯୋଜକ ହରିଶଙ୍କର ପାଣ୍ଡେ ଓ ସହସଂଯୋଜକ ଅରୁଣ କୁମାର ଷଡଙ୍ଗୀ ରେଡକ୍ରସର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

# ପ୍ରସ୍ତାବିତ ଜମିକୁ ଅନୁସୂଚିତ ଜାତି ପରିବାରଙ୍କ ବିରୋଧ

## ଅଷ୍ଟମ ବାଟାଲିୟନ ଆବାସିକ କୋଠା ନିର୍ମାଣ ପ୍ରସଙ୍ଗ

ଛତ୍ରପୁର,୮।୫(ଡି.ଏନ୍.ଏ): ଗଞ୍ଜାମ ଜିଲା ଛତ୍ରପୁର ଅଷ୍ଟମ ବାଟାଲିୟନ କର୍ମଚାରୀଙ୍କ ଆବାସିକ କୋଠା ନିର୍ମାଣ ଲାଗି ଆବଶ୍ୟକ ଜମି ପ୍ରଦାନକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏଥିପାଇଁ ଉକ୍ତ ଜମିରୁ ଅଗସ୍ତି ନୂଆଗାଁର ଅନୁସୂଚିତ ଜାତି ପରିବାରଙ୍କୁ ଉଚ୍ଛେଦକୁ ବିରୋଧ କରିବା ସହ ଛତ୍ରପୁର ତହସିଲଦାରଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ଛତ୍ରପୁର ତହସିଲ ଅଧୀନ ଅଗସ୍ତି ନୂଆଗାଁ ମୌଜା ଅଧୀନ ସରକାରୀ ଜମି ଖାତା ନମ୍ବର ୩୦୯ ଓ ପ୍ଲଟ ନଂ ୮୯ ରେ ଆବାଦ ଅନାବାଦୀ ଖାତା ପର୍ବତ କିସମରେ ପୂର୍ବପୁରୁଷଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଚଳି ଆସୁଛନ୍ତି। ଏହି ଜମିରେ ଗାଁର ୨୫ ପରିବାର ଗାଈ ଚରାଇବାଠୁ ଆରମ୍ଭ କରି ପିଲାଙ୍କ ଲାଗି ଖେଳ ପଡ଼ିଆ ବ୍ୟବହାର ଆଦି ସାମୁହିକ କାର୍ଯ୍ୟରେ ବ୍ୟବହାର କରିଆସୁଛନ୍ତି।



ଅତିରିକ୍ତ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ଏହାସହ କିଛି ବାସହୀନ ହରିଜନ ଶ୍ରେଣୀର ଲୋକେ ବାସଗୃହ କରିବା ସକାଶେ ଜାଗା ଖଣ୍ଡେ ଲେଖାଏଁ ରଖିଛନ୍ତି। ଭବିଷ୍ୟତରେ ସରକାରୀ ସହାୟତା ମିଳିଲେ ଘର ଖଣ୍ଡେ କରିବେ ବୋଲି ଆଶା ରଖିଛନ୍ତି। କିନ୍ତୁ ଉକ୍ତ ସରକାରୀ ଜମିକୁ କିସମ ପରିବର୍ତ୍ତନ କରି ଛତ୍ରପୁର ଅଷ୍ଟମ ବାଟାଲିୟନର କର୍ମଚାରୀଙ୍କ ଆବାସିକ କୋଠା ନିର୍ମାଣ ଲାଗି ଆବଶ୍ୟକ ଜମି ପ୍ରଦାନ ଲାଗି ପ୍ରସ୍ତାବ ରହିଛି। ଉକ୍ତ ଜମିରୁ ଗରିବ ଅନୁସୂଚିତ ଜାତିଙ୍କୁ ଉଚ୍ଛେଦ ନକରିବାକୁ ଏମାନଙ୍କ ପକ୍ଷରୁ ନିବେଦନ କରାଯାଇଛି। ସୂଚନାଯୋଗ୍ୟ ଛତ୍ରପୁର ଅଷ୍ଟମ ବାଟାଲିୟନର କର୍ମଚାରୀଙ୍କ ଆବାସିକ କୋଠା ନିର୍ମାଣ ଲାଗି ଉକ୍ତ ଜମି ପ୍ରଦାନ ପାଇଁ କ'ଣ ଆପତ୍ତି ଅଭିଯୋଗ ଅଛି ସେ ସମ୍ପର୍କରେ ଛତ୍ରପୁର ତହସିଲଦାରଙ୍କ ପକ୍ଷରୁ ସର୍ବ ସାଧାରଣ ନୋଟିସ ଜାରି ହୋଇଥିଲା।

# ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି, ୮।୫ (ଡି.ଏନ୍.ଏ): ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାମଦେବ ସିଂ, ପିଏ ଆଇଟିଡିଏ ଫାଲଗୁନୀ ମାଝୀ ଯୋଗଦେଇଥିଲେ। ଗାଇବା ପଞ୍ଚାୟତ ସମେତ ପରିଡ଼ା, ବାଇଝାଲ ଓ ବୃଶଭା ପଞ୍ଚାୟତର ସମୁଦାୟ ୭୬ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୭୨ଟି, ଗ୍ରାମ୍ୟଭିତ୍ତିକ ସମସ୍ୟା ୪ଟି ରହିଥିଲା। ୩୧ଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ ଆଦି ଅଭିଯୋଗ ଆସିଥିଲା।



ଅଭିଯୋଗ ଶୁଣାଣିରେ ଜିଲାପାଳ, ଏଏସ୍‌ପି ଓ ଅନ୍ୟ ଅଧିକାରୀ।

### ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ

ଧରାକୋଟ, ୮।୫ (ଡି.ଏନ୍.ଏ): ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଜଗନ୍ନାଥ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦିଲୀପ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ସରପଞ୍ଚ ପୁନିଆ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ଯାତ୍ରା କମିଟିର ନୂତନ ସଭାପତି ଭାବେ ସୁନିଲ କୁମାର୍ ଗୌଡ଼ଙ୍କୁ ଚୟନ କରାଯାଇଥିଲା। ବୈଠକରେ ଉପସଭାପତି ରବିନ୍ଦ୍ର ଘୋଷ, ଯାତ୍ରା ପରିଚାଳକ ସୁନିଲ କୁମାର୍ ସ୍ୱାଇଁ ଯୋଗଦେଇଥିଲେ। ଏହି ବୈଠକରେ ଶିବ ପାର୍ବତୀଙ୍କ ବିବାହ ନଗର ପରିକ୍ରମା ସହ ଯାତ୍ରା ପରିଚାଳନା ପାଇଁ ଧରାକୋଟ ଗ୍ରାମବାସୀଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ଅନ୍ତିମ ଦିବସ ରେ 'ଭାଇ ଭଉଣୀର ନୂଆ କାହାଣୀ' ନାଟକ ମଞ୍ଚସ୍ଥ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ଦେବନୀତି କୁ ସମୟ ନିର୍ଘଣ୍ଟ ସହ ଶାନ୍ତି ଶୃଙ୍ଖଳାର ସମାପନ ପାଇଁ ଗ୍ରାମବାସୀଙ୍କ ସହଯୋଗ ଲୋଡ଼ାଯାଇଥିଲା। ବୈଠକରେ ଯାତ୍ରା କମିଟି ସଭ୍ୟମାନଙ୍କ ସହ ଦେବନୀତି କମିଟିର ସଭ୍ୟ ଶ୍ୟାମସୁନ୍ଦର ତ୍ରିପାଠୀ, ରବିନ୍ଦ୍ର ମହାପାତ୍ର, ପ୍ରଭାକର ମୁନି, ଦିଲିପ ପ୍ରଧାନ, ବିଷ୍ଣୁ କେଶରୀ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ନାୟକ, ଶିଶିର କୁମାର ମହାନ୍ତି, ମାନସ ରଞ୍ଜନ ଜେନା, ଗୋପାଳ ହରି ଗୌଡ଼, ଜଗା ସ୍ୱାଇଁ, ଅଶ୍ୱିନୀ ମହାପାତ୍ର, ବିକ୍ରମ ଅଧିକାରୀ, ନବଘନ ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ।

# ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ ଜେଲ୍

## ସ୍ତ୍ରୀ ହତ୍ୟା ମାମଲା

ପାରଳାଖେମୁଣ୍ଡି, ୮।୫ (ଡି.ଏନ୍.ଏ): ଏକ ହତ୍ୟା ମାମଲାର ବିଚାର କରି ଅତିରିକ୍ତ ଜିଲା ଦୈରାଜଜ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିବା ସହ ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ଦଣ୍ଡିତ ପାଇଁ ରାୟ ଶୁଣାଇଛନ୍ତି। ସୂଚନା ପ୍ରକାରେ, ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ କିଡାସିଙ୍ଗ ଗ୍ରାମର କୋରା ରଣଷଣ୍ଡ ଗତ ୨୦୧୮ ଡିସେମ୍ବର ୧୨ ସକାଳେ ସ୍ତ୍ରୀ ଖିରା ଓ ଦାଦା ପୁଅ ଭାଇ ଜୟ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ପୋଉଥିବା ଦେଖି ହଠାତ ରାଗି ଯାଇ ଏକ କୁରାଢୀରେ ସ୍ତ୍ରୀଙ୍କୁ ହାଣି ଦେଇଥିଲେ। ଘଟଣା ସ୍ଥଳରେ ଖିରାଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଜୟ ମୋହନା ଥାନାରେ ଏତଲା ଦେଇଥିଲେ। ଏହି ମାମଲାରେ ମୋଟ ୧୭ଜଣ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦଲିଲକୁ ନଜର ରଖିବା ସହ ମସ୍ତିଷ୍କ ବିକୃତିର ଆବେଦନକୁ କୋର୍ଟ ଅଗ୍ରାହ୍ୟ କରି ଏହି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ଶରତ ଚନ୍ଦ୍ର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ବିଶ୍ୱ ରେଡ୍‌କ୍ରସ ଦିବସ



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ପାରଳାଖେମୁଣ୍ଡି, ୮।୫ (ଡି.ଏନ୍.ଏ): ଗଜପତି ଜିଲା ସଦର ମହକୁମା ଜିଲାପରିଷଦ ସମ୍ମିଳନୀ କକ୍ଷରେ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଉପ ଜିଲାପାଳ ଆଲୋକ କୁମାର ପ୍ରଧାନ, ଜିଲା ଜରୁରୀକାଳୀନ ଅଧିକାରୀ ପ୍ରଭାସ କୁମାର ବେହୁରା ଉପସ୍ଥିତ ଥିବାବେଳେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଦ୍ୱିଜେନ୍ଦ୍ରନାଥ ପାଢ଼ୀ ମଞ୍ଚାସନ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ସମସ୍ତ ସାମ୍ବାଦିକ ପ୍ରତିନିଧି ପ୍ରମୁଖ ଯୋଗଦେଇ ବିଶ୍ୱ ରେଡକ୍ରସ ଦିବସ ଉପରେ ଆଲୋଚନା କରିଥିଲେ।

# ବ୍ଲକସ୍ତରୀୟ ହୋମ୍‌ଗାର୍ଡ ସଂଘ ଗଠିତ



ହୋମ୍‌ଗାର୍ଡ ସଂଘର ସଦସ୍ୟମାନେ।

ଖଜୁରୀପଡ଼ା, ୮।୫(ଡି.ଏନ୍.ଏ): ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ବୈଠକ ସମସ୍ତ ହୋମଗାର୍ଡମାନଙ୍କୁ ନେଇ ଖଜୁରୀପଡ଼ା ଥାନା ଅନ୍ତର୍ଗତ ଆମ୍ବେଦକର କଲେଜ ପରିସରରେ ଥିବା ସାଂସ୍କୃତିକ ମଞ୍ଚ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଜିଲା ହୋମଗାର୍ଡ ସଂଘ ଆବାହକ ବିରାଜ କୁମାର ପ୍ରଧାନ, ଜିଲା ହୋମଗାର୍ଡ ସଂଘ ସଭାପତି ପ୍ରଭାତ କୁମାର ସାହାଣୀ, ସମ୍ପାଦକ ସପନ କୁମାର ମିଶ୍ର, କୋଷାଧ୍ୟକ୍ଷ ଶେଖ ଗିହାଜୁଦ୍ଦିନ, କାର୍ଯ୍ୟକାରି ସଭାପତି ଅକ୍ଷୟ କୁମାର ରାୟ, ଟାଉନ ଥାନା ହୋମଗାର୍ଡ ସଂଘ ଉପସଭାପତି ସାଫରିନ ଖାନ ଉପସ୍ଥିତ ରହି ବିଭିନ୍ନ ସମସ୍ୟାର ସରଳ ସମାଧାନ କିପରି ଆଇନଗତ ମାଧ୍ୟମରେ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ମାନବାଧିକାର ମିଶନ ଉପସଭାପତି ଜଳନ୍ଧର ବେହେରା, ଜିଲା ମାନବାଧିକାର ମିଶନ ମିଡ଼ିଆ ସମ୍ପାଦକ କୁନା ଦିଗାଲ, ବରିଷ୍ଠ ସାମ୍ବାଦିକ ରଞ୍ଜିତ କୁମାର ଦିଗାଲ, ସାମ୍ବାଦିକ ବିଦୁର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଖଜୁରୀପଡ଼ା ଥାନା ହୋମଗାର୍ଡ ସଂଘ କର୍ମକର୍ତ୍ତା ଚୟନ କରାଯାଇଥିଲେ। ସଭାପତି କାହ୍ନୁଚରଣ ବେହେରା, ଉପ ସଭାପତି ରାଜେଶ କୁମାର ବେହେରା, ସମ୍ପାଦକ ବିନାୟକ ସାହାଣୀ, ସହସମ୍ପାଦକ ସାଗର ଦେହୁରୀ, କୋଷାଧ୍ୟକ୍ଷ ଉମେଶ କୁମାର କହଁର, ଉପ କୋଷାଧ୍ୟକ୍ଷ ଦେବେନ୍ଦ୍ର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ପ୍ରକାଶ କୁମାର ସେଠୀ ଏବଂ ଖଜୁରୀପଡ଼ା ଥାନାର ହୋମଗାର୍ଡ ସଂଘକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ପରାମର୍ଶଦାତା ଭାବରେ ବରିଷ୍ଠ ସାମ୍ବାଦିକ ରଞ୍ଜିତ କୁମାର ଦିଗାଲ, ବିଦୁର ବେହେରାଙ୍କୁ ଚୟନ କରାଯାଇଥିଲା। ଶେଷରେ ଜିଲା ହୋମଗାର୍ଡ ସଂଘ ସମ୍ପାଦକ ସପନ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଗାଁ ସାଥୀ ସଂଘ ପକ୍ଷରୁ ସ୍ମାରକପତ୍ର

ଦିଗପହଣ୍ଡି,୮।୫(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ଗାଁସାଥୀ ସଂଘ ପକ୍ଷରୁ ସୋମବାର ୫ ଦଫା ଦାବି ପୂରଣ ପାଇଁ ବିଡିଓ ଡ. ଚିତ୍ତରଞ୍ଜନ ଦାସଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ୨୦୦୮ରୁ ଗାଁସାଥିମାନଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ସେମାନଙ୍କ ପ୍ରତି ପ୍ରଶାସନିକସ୍ତରରେ ଅବହେଳା ପ୍ରଦର୍ଶନ କରାଯାଉଛି। ନ୍ୟାଶନାଲ ମୋବିଲାଇଜର ମନିଟରିଂ ସିଷ୍ଟମ (ଏନ୍‌ଏମ୍‌ଏମ୍‌ଏସ୍) ରେ ୨୦୦୮ରୁ ଗାଁସାଥିମାନଙ୍କୁ ରେଜିଷ୍ଟ୍ରେସନ କରାଯିବା, ଏମ୍‌ଜିଏନ୍‌ଆରଇଜିଏସ ଯୋଜନାରେ ସେମାନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରାଯିବା, ବିଭିନ୍ନ ସରକାରୀ ପ୍ରକଳ୍ପ ନିମନ୍ତେ ଗାଁସାଥିମାନଙ୍କ ଜରିଆରେ ଶ୍ରମିକମାନଙ୍କୁ ଚିହ୍ନଟ କରାଯାଇ କାମ ପାଇଁ ରିପୋର୍ଟ ପ୍ରସ୍ତୁତ କରାଯିବା, ମଷ୍ଟର ରୋଲ ପ୍ରସ୍ତୁତରେ ଗାଁସାଥିମାନଙ୍କୁ ଅନ୍ତର୍ଭୁକ୍ତ କରାନଯାଇ ଅନ୍ୟ ଯେ କୌଣସି ବ୍ୟକ୍ତିଙ୍କୁ ପଞ୍ଜିକରଣ କରାଯାଉଥିବାରୁ ଏଭଳି ବ୍ୟବସ୍ଥା ଉଚ୍ଛେଦ କରାଯାଇ କେବଳ ଗାଁସାଥିମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ମଷ୍ଟର ରୋଲ ପ୍ରସ୍ତୁତ ପାଇଁ ଅନୁମତି ଦିଆଯିବା ଦାବି କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ଥିବା ୫ ଦଫା ଦାବି ପୂରଣ କରାନଗଲେ ଶାନ୍ତିପୂର୍ଣ୍ଣ ଭାବେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସଂଘର ସଭାପତି ଉଦୟ ନାରାୟଣ ଦାସ, ସମ୍ପାଦକ ଉଆଳି ଗୌଡ଼, କୋଷାଧ୍ୟକ୍ଷ ସମୀର ଦଳବେହେରା, କାର୍ଯ୍ୟକର୍ତ୍ତା ଡି.ସନାତନ, ବାପି ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ସଞ୍ଜୟ କୁମାର ଗୌଡ଼, ଶିବପ୍ରସାଦ ପାଣିଗ୍ରାହୀ, କୈଳାସ ବେହେରା, ଭଜରାମ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ପି.ସନ୍ତୋଷ ରେଡ୍ଡୀ, କୃଷ୍ଣଚନ୍ଦ୍ର ସେଠୀ, ଯୁଗୋଳ କିଶୋର ପତି, ବି.ପାରମେଶ୍ୱ, ଧ୍ୱଜ ସାହୁ, ଆଦିତ୍ୟ କୁମାର ସାହୁ, ମାମା ପାଢ଼ୀ, ଲକ୍ଷ୍ମୀ କୁମାରୀ ପ୍ରଧାନ, ମିନତୀ ଦେବୀ, ସୁଜାତା ପ୍ରଧାନ, ସୁଷମା କୁମାରୀ ଗୌଡ଼, ବି.ସୁଜାତା, ନାରାୟଣ ପ୍ରଧାନ, ପ୍ରଣତି ଦାସ, ଅର୍ଚ୍ଚନା ସାମନ୍ତରା, ଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଗାଁ ସାଥୀ ସଂଘର ସଦସ୍ୟମାନେ ବିଡ଼ିଓଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ଆଜି କ'ଣ କେଉଁଠି

**କ. ନୂଆଗାଁ**

- ଗୀତା ଜ୍ଞାନ ଯଜ୍ଞ। ସମୟ: ୭ଟା। ପ୍ରବଚକ:ଅନ୍ତର୍ଯ୍ୟାମୀ ମହାରାଜ। ସ୍ଥାନ: ପୁରୁଣା ନୂଆଗାଁ

## ସଂକ୍ଷେପରେ

### ସୈନ୍ୟ ବାହିନୀ ପରୀକ୍ଷାରେ ଧରାପଡ଼ିଲେ ପରୀକ୍ଷାର୍ଥୀ

**ଗୋପାଳପୁର,୮।୫(ଡି.ଏନ.ଏ.):** ଗୋପାଳପୁର ଥାନା ଅଧୀନ ଗୋଲାବନ୍ଧ ସ୍ଥିତ ଆର୍ମି ଏୟାର ଡ଼ିଫେନ୍ସ କଲେଜ ଗୋପାଳପୁର ମିଲିଟାରୀ ଷ୍ଟେଶନରେ ଗ୍ରୁପ ସି ପରୀକ୍ଷା



ସୋମବାର ଦେଉଥିବା ବେଳେ ଜନୈକ ପରୀକ୍ଷାର୍ଥୀ କ୍ଷୁଦ୍ର ବୈଦ୍ୟୁତିକ ଯନ୍ତ୍ର କାନରେ ଗୁଞ୍ଜି ପରୀକ୍ଷା ଦେଉଥିବା ବେଳେ ଧରାପଡ଼ିଥିଲେ। ଏହି ଘଟଣାରେ ଗୋପାଳପୁର ଥାନା ପୋଲିସ ସୋମବାର ପରୀକ୍ଷାର୍ଥୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ ହରିୟାଣା ଜିନ୍ଦ ଜିଲା ବରୋଡ଼ା ତହସିଲ ଅଞ୍ଚଳର ବିଜୟ ବୋଲି ପୋଲିସ ପ୍ରେସ୍ ନୋଟ୍‌ରେ ସୂଚନା ଦେଇଛି। ସୂଚନାନୁସାରେ, ଗୋଲାବନ୍ଧ ଆର୍ମି ଏଡ଼ି ସେଣ୍ଟର ଗୋପାଳପୁର ମିଲିଟାରୀ ଷ୍ଟେଶନରେ ସୈନ୍ୟ ବାହିନୀର ଗ୍ରୁପ୍ ସି ଏମ୍‌ଟିଏସ୍ ପଦବୀ ନିମନ୍ତେ ରବିବାର ଲିଖିତ ପରୀକ୍ଷା ହେଉଥିଲା। ଏହି ପରୀକ୍ଷାରେ ବିଜୟ କୌଶଳ କ୍ରମେ କ୍ଷୁଦ୍ର ବ୍ଲୁଟୁଥ ଡ଼ିଭାଇସ୍ କାନରେ ଲଗାଇ ପରୀକ୍ଷା ଦେଉଥିଲେ। ପରୀକ୍ଷା ଶେଷ ହେବାକୁ ଥିବା ୧୦ ମିନଟ ପୂର୍ବରୁ କେନ୍ଦ୍ର ଅଧିକାରୀଙ୍କ ସନ୍ଦେହ ହେବାରୁ ବିଜୟଙ୍କୁ ଧରିଥିଲେ। ଏନେଇ କର୍ଣ୍ଣେଲ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନମ୍ବର ୧୫୦/୨୩ରେ ଆଇଟି ଆକ୍ଟ ଅନୁସାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବିଜୟଙ୍କଠାରୁ ଏକ କଳା କଲର ଡ଼ିଭାଇସ୍ ଦୁଇଟି ସିମ୍ ସ୍ଲଟ, ଭଙ୍ଗା ବ୍ଲୁଟୁଥ ରିସିଭର, ବ୍ଲୁଟୁଥ ଇୟର ଫୋନ୍‌ସ୍, ସ୍ପେର ବ୍ୟାଟେରୀ ଆଧାର କାର୍ଡ଼ ଓ କଲ ଲେଟର ପୋଲିସ ଜବତ କରିଥିଲା। ସୋମବାର ବିଜୟଙ୍କୁ କୋର୍ଟ ଚାଲାଣ କରିଯାଇଥିବା ଜଣାପଡ଼ିଛି।

### ଲାଞ୍ଜିପଲୀ ଇସ୍କନ ବ୍ରହ୍ମପୁରରେ ସମର କ୍ୟାମ୍ପ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୮।୫:** ଲାଞ୍ଜିପଲୀ ସ୍ଥିତ ଇସ୍କନ ବ୍ରହ୍ମପୁରଠାରେ ୭ ଦିନ ଧରି ଚାଲିଥିବା ସମ୍ମର କ୍ୟାମ୍ପ ସୋମବାର ବ୍ରହ୍ମପୁରରେ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଉଦ୍‌ଯାପନୀ ଦିବସରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରର ପ୍ରଧାନଚାର୍ଯ୍ୟ ଡ. ସୁବ୍ରତ କୁମାର ପାଣିଗ୍ରାହୀ ଓ ପାଟଣା ଆଇଆଇଟିର ପ୍ରାଧ୍ୟାପକ ଡ. ରଞ୍ଜନ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ କୃଷ୍ଣ ଚେତନା ମାଧ୍ୟମରେ କିପରି ଆଧୁନିକ ସମାଜର ବିଭିନ୍ନ ସମସ୍ୟାକୁ ଆଧାତ୍ମିକତା ଦ୍ୱାରା ସମାଧାନ କରାଯାଇ ପାରିବ ସେ ନେଇ ଶିକ୍ଷା ଦିଆଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କୁ ନୃତ୍ୟ, ଗୀତ, ଚିତ୍ର ଓ ଅଭିନୟ କଳା ଆଦି ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲାଞ୍ଜିପଲୀ ଇସ୍କନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିପ୍ଳବୀ ଓଡ଼ିଆର ଗାଥା ବଖାଣିଲା ଚାଖି ଖୁଣ୍ଟିଆ



ମଞ୍ଚସ୍ଥ ନାଟକ ଚାଖି ଖୁଣ୍ଟିଆର ଦୃଶ୍ୟ।

**ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ୫ମ ସନ୍ଧ୍ୟା**

**ବ୍ରହ୍ମପୁର ଅଫିସ,୮।୫**

ଓଡିଶା ନାଟକ ସମାରୋହ ସମିତି ପକ୍ଷରୁ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ଅନୁଷ୍ଠିତ ୧୫ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ ୨ୟ ଶିଶୁ ନାଟକ ମହୋତ୍ସବର ୫ମ ସନ୍ଧ୍ୟା ସୋମବାର ନାଟକ ଚାଖି ଖୁଣ୍ଟିଆ ବିପ୍ଳବୀ ଓଡିଆ ପୁଅର ଗାଥା ବଖାଣିଛି। ଚାଖି ଖୁଣ୍ଟିଆ ତଥା ଚନ୍ଦନ ହଜୁରୀ ଜଣେ ଯୋଦ୍ଧା ଓ ମଲ ବୀର ଭାବେ ସମଗ୍ର ଭାରତରେ ପରିଚିତ। ଝାନ୍‌ସୀ ରାଣୀ ଲକ୍ଷ୍ମୀବାଇଙ୍କ ଡାକରାରେ ୧୮୫୭ ସିପାହୀ ବିଦ୍ରୋହରେ ଚାଖି ଖୁଣ୍ଟିଆ ଯୋଗ ଦେଇଥିଲେ। ଝାନସୀରେ ଅନେକ ଜଗନ୍ନାଥ ଭକ୍ତଙ୍କୁ ଏକତ୍ରିତ କରି ଇଂରେଜଙ୍କ ବିରୋଧରେ ସେ ଯୁଦ୍ଧ ଘୋଷଣା କରିଥିଲେ। ଯୁଦ୍ଧରେ ବନ୍ଦୀ ହୋଇ ଗୟା ଜେଲରେ ରହି ୧୮୫୭ରେ ମୁକୁଳି ପରବର୍ତ୍ତୀ ଜୀବନ ପୁରୀରେ ଜଗନ୍ନାଥଙ୍କ ନିକଟରେ ନିଜକୁ ସମର୍ପଣ କରି ଅନେକ କାଳଜୟୀ ଭଜନ ରଚନା କରିଥିଲେ। ୧୮୭୦ରେ ପୁରୀରେ ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଦେହାବସାନ ହୋଇଥିଲା। ନାଟକରେ ଚାଖି ଖୁଣ୍ଟିଆଙ୍କ ବିପ୍ଳବୀ ଗାଥାକୁ ପରିବେଶଣ କରାଯାଇଛି। ଭୁବନେଶ୍ୱର ୫ମ ବେଦ ନାଟ୍ୟ ସଂସ୍ଥା ପକ୍ଷରୁ ପରିବେଶିତ ନାଟକକୁ ପଦ୍ମଶ୍ରୀ ରଜତ କର ରଚନା କରିଥିବା ବେଳେ ପ୍ରକାଶ ମହାରଣା ନିର୍ଦ୍ଦେଶନା ଦେଇଛନ୍ତି। ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ହରେନ ସାହୁ ନାଟକର ଦିଗ ଦର୍ଶକ, ସଂଗୀତରେ ବିନୟ ଦାଶ, ମଞ୍ଚ ପରିକଳ୍ପନା ବୈଜୟନ୍ତ ଦାଶ, ନୃତ୍ୟ ନିର୍ଦ୍ଦେଶନା ରୁବି ହାତୀ, ମଞ୍ଚ ପରିଚାଳନା ସୁରେନ୍ଦ୍ର ନାଥ ଗୌଡ, ଅଭିମନ୍ୟୁ ସେଠୀ, ଆଲୋକ ଶବର ନାୟକ ଓ ଅଚ୍ୟୁତାନନ୍ଦ ମୁଦୁଲି ଏବଂ ସାସ୍ୱତ ସତ୍ୟ ପ୍ରକାଶ ରଥ ନିର୍ଦ୍ଦେଶନାରେ ସହଯୋଗ କରିଥିଲେ।

ନାଟକ ପୂର୍ବରୁ ଆୟୋଜିତ ସଭାରେ ଓଡିଶା ନାଟ୍ୟ ସଂଘ ସଭାପତି ତଥା ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ହରେନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ନାଟ୍ୟଶ୍ରୀ ଫାଉଣ୍ଡେଶନ ସଭାପତି ଭବାନୀ ଶଙ୍କର ମିଶ୍ର ଓ ଗଞ୍ଜାମ ଜିଲା ହୋଟେଲ ସଂଘ ସଭାପତି ଉମାଚରଣ ପାଣିଗ୍ରାହୀ ଯୋଗ ଦେଇଥିଲେ। କୈଳାସ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଆରତି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ଉପଦେଷ୍ଟା ରାଜୁ ପାଢୀ, ସଭାପତି ଅନୀଲ ପାତ୍ର, ସାଧାରଣ ସମ୍ପାଦକ ସାପା ସୀମାଦ୍ରି, ସମ୍ପାଦକ ଶଙ୍କର୍ଷଣ ସାବତ, ମହୋତ୍ସବ କମିଟି ଅଧ୍ୟକ୍ଷ ଡ. ମିହିର ତ୍ରିପାଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ଲିନୁ



@ ଅକ୍ଷୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନେତାଜୀ ସାରସ୍ୱତ ମଞ୍ଚ ପକ୍ଷରୁ କ୍ଷୁଦ୍ରଗଳ୍ପ ଆସର

**ବ୍ରହ୍ମପୁର ଅଫିସ,୮।୫**

ନେତାଜୀ ସାରସ୍ୱତ ମଞ୍ଚ ପକ୍ଷରୁ ସୋମବାର ଉତ୍କଳ ଆଶ୍ରମ ପରିସରରେ କ୍ଷୁଦ୍ର ଗଳ୍ପ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚ ସଭାପତି ସୁଜାତା ଶତପଥୀ ପୌରୋହିତ୍ୟ କରିଥିଲେ। ମଞ୍ଚ ସମ୍ପାଦକ ନଳିନୀ କାନ୍ତ ଗୌଡ ଆସରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଆସରରେ ସ୍ୱତନ୍ତ୍ର ଅତିଥି ଭାବେ ଭଗବାନ ପାତ୍ର ଯୋଗଦେଇ ଗଳ୍ପ ସୃଷ୍ଟିର ଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟିକା ଅମିତା ମିଶ୍ର ଗଳ୍ପ ଆସରରେ ସଂଯୋଜନା କରିଥିଲେ। ଆସରରେ ଗାଳ୍ପିକା ଭାଗ୍ୟଲକ୍ଷ୍ମୀ ମହାରଣା, ଶରତ କୁମାର ଦାଶ, ସ୍ୱର୍ଣ୍ଣମୟୀ ପାଢୀ, ସୁଜାତା ଶତପଥୀ ଓ ନଳିନୀକାନ୍ତ ଗୌଡ ପ୍ରମୁଖ ସ୍ୱରଚିତ କ୍ଷୁଦ୍ର ଗଳ୍ପ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ସଂଗୀତ ନାଟକ ଏକାଡେମୀ ଗଞ୍ଜାମ ଜିଲା ସଦସ୍ୟ ଅନୀଲ କୁମାର ପାତ୍ର, ଅନୀଲ ତ୍ରିପାଠୀ ଓ କୈଳାସ ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସାରସ୍ୱତ ମଞ୍ଚ ଉପଦେଷ୍ଟା ଭାଗ୍ୟଲକ୍ଷ୍ମୀ ମହାରଣା ପରିଚାଳନାରେ ସହଯୋଗ କରିଥିଲେ।





ଗଳ୍ପ ଆସରରେ ଉପସ୍ଥିତ ଅତିଥି ବୃନ୍ଦ।

# ଜିଲାରେ ମାଉଜର କାରବାର ସନ୍ଦେହ

## ଗୋପାଳପୁରରୁ ବନ୍ଧୁକ ବେପାରୀ ଗିରଫ ଘଟଣା

**ବ୍ରହ୍ମପୁର ଅଫିସ,୮।୫**

ଗଞ୍ଜାମ ଜିଲା ଗୋପାଳପୁରର ଏକ ହୋଟେଲରେ ଥିବା ଓ ବନ୍ଧୁକ କାରବାରରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗ ପୋଲିସ ରବିବାର ଗିରଫ କରିଥିଲା। ସେମାନଙ୍କୁ ସିଜେଏମ୍‌ଙ୍କ କୋର୍ଟରେ ହାଜର କରାଗଲା ପରେ ପଶ୍ଚିମବଙ୍ଗ ପୋଲିସ ଟ୍ରାନ୍‌ଜିଟ୍ ରିମାଣ୍ଡରେ ନେଇଛି। ତେବେ ଗୋପାଳପୁରର ଏକ ବିଳାସପୂର୍ଣ୍ଣ ହୋଟେଲରୁ ଏଭଳି ଅଭିଯୁକ୍ତମାନଙ୍କୁ ଧରାହେବା ସ୍ଥାନୀୟ ପୋଲିସ ପ୍ରଶାସନ ପାଇଁ ସତର୍କଘଣ୍ଟି ସଦୃଶ ହୋଇଛି। କାରଣ ଗୋପାଳପୁର ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ଏଭଳି ଅପରାଧରେ ସଂଶ୍ଳିଷ୍ଟ ବ୍ୟକ୍ତି ଆସି ହୋଟେଲରେ ରହିବା ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁବିପଦ ସୃଷ୍ଟି କରିଛି। ୩ଦିନ ହେବ ଆସି ସେମାନେ ଉକ୍ତ ହୋଟେଲରେ ରହିଥିଲେ। ସେମାନଙ୍କ ସନ୍ଦିଗ୍ଧ କାର୍ଯ୍ୟକଳାପ ଥିଲାକି? ଏଠାକୁ ଆସି ସେମାନେ କେଉଁମାନଙ୍କ ସହ ବନ୍ଧୁକ ବ୍ୟବସାୟ କରିଛନ୍ତି କି ନାହିଁ ପୋଲିସ ଏବେ ଖୋଳତାଡ କରୁଥିବା ଜଣାପଡିଛି। ରବିବାର ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସମ୍ପର୍କରେ ସମ୍ପୃକ୍ତ ହୋଟେଲ୍ କର୍ତ୍ତୃପକ୍ଷ ପୂର୍ବରୁ ପୋଲିସକୁ ଜଣାଇଥିଲେ କି ନାହିଁ, ଯଦି ଜଣାଇନଥିଲେ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଏଥିସହ ଏଭଳି ସନ୍ଦିଗ୍ଧ ବ୍ୟକ୍ତି ଅନ୍ୟ କୌଣସି ହୋଟେଲରେ ରହିଛନ୍ତି କି ନାହିଁ ତାହା ମଧ୍ୟ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ନଚେତ କେତେବେଳେ ଯେ ବଡ଼ଧରଣର ଅଘଟଣ ଘଟିବ ତାହା କହି ହେବନାହିଁ।

# ମୁଖ୍ୟ ରାସ୍ତାରେ ମେଲୋଡି : ଯାତ୍ରାକୁ ଆସି ଲୋକେ ହଟହଟା



ଲୋକେ ଯାଇ ନ ପାରି ରାସ୍ତାରେ ଜମା ହୋଇଛନ୍ତି।

**ବୁଗୁଡ଼ା,୮।୫(ଡି.ଏନ.ଏ.)**

ବୁଗୁଡ଼ାରେ ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ରବିବାର ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ହାଇସ୍କୁଲ ଛକ ନିକଟ ମୁଖ୍ୟ ରାସ୍ତାରେ ଆୟୋଜିତ ମେଲୋଡି କାର୍ଯ୍ୟକ୍ରମ ଯୋଗୁ ଯାତ୍ରାକୁ ଆସିଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଠାକୁରାଣୀ ଯାତ୍ରାର ଦ୍ୱାଦଶ ଦିନରେ ମୁଖ୍ୟ ସଡକ ଉପରେ ଯାତାୟାତ ପାଇଁ କିଛି ଫୁଟ ଛାଡି ମେଲୋଡି କାର୍ଯ୍ୟକ୍ରମର ମଞ୍ଚ ପ୍ରସ୍ତୁତ ହୋଇଥିଲା। ସନ୍ଧ୍ୟାରେ ମେଲୋଡି ଆରମ୍ଭ ହୋଇଯିବାରୁ ସେଠାରେ ଅସମ୍ଭାଳ ଭିଡ ଜମିଥିଲା। ମଞ୍ଚ ପାର୍ଶ୍ୱରେ ଲୋକେ ଠେଲାପେଲା ହୋଇ ବଡ କଷ୍ଟରେ ଯିବା ଆସିବା କରିବାକୁ ପଡୁଥିଲା। କେତେକ ବଡବଡିଆ ବ୍ୟାରିକେଡ ଭିତରେ ବସି ମନୋରଞ୍ଜନ କରୁଥିବା ବେଳେ ଯାତ୍ରା ଦେଖିବାକୁ ଗ୍ରାମାଞ୍ଚଳରୁ ଆସିଥିବା ହଜାର ହଜାର ଲୋକ ରାସ୍ତା ପାରହେବାକୁ ହଟହଟାର ସମ୍ମୁଖୀନ ହେଉଥିଲେ। ପୋଲିସ ଖଣ୍ଡେ ଦୂରରେ ରହି ନୀରବ ଦ୍ରଷ୍ଟା ସାଜିଥିଲା। ଅନ୍ୟପକ୍ଷରେ ଯାତ୍ରୀବାହୀ ବସ୍‌ଗୁଡ଼ିକ ଦୀର୍ଘ ସମୟ ଧରି ଅଟକି ରହିଥିଲା। ସେହିପରି ମୁଖ୍ୟ ରାସ୍ତା ଅବରୋଧ ଯୋଗୁ ନୂଆ ସାହି ରାସ୍ତା ଦେଇ ଯାତ୍ରୀବାହୀ ବସ୍ ଗଲାବେଳେ ଆଲୋକ ତୋରଣ ଭାଙ୍ଗିଯିବା ଏବଂ ଗାଡି ଚାଳକ କ୍ଷତି ପୂରଣ ରାଶି ଦେବା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ପ୍ରମାଣ ଅଭାବରୁ ଯୁବକ ନିର୍ଦ୍ଦୋଷ

**ଗଞ୍ଜେଇ ଚୋରା ଚାଲାଣ ମାମଲା**

**ବ୍ରହ୍ମପୁର ଅଫିସ,୮।୫**

ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ପ୍ରମାଣ ଅଭାବରୁ ଛତ୍ରପୁର ଏଡିଜେ ମନୋରଞ୍ଜନ ଦାସ ଜଣେ ଯୁବକଙ୍କୁ ସୋମବାର ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ ବଙ୍ଗଳାଦେଶ ମୁଜାଫରବାଦର ରିକାତ ଅଲି ମୁଲା। ଏହି ମାମଲାରେ ସମ୍ପୃକ୍ତ ଥାଇ ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ସଦ୍ଧିକ ମୁତାବକ ମୁଲା ଜାମିନରେ ଆସି ବର୍ତ୍ତମାନସୁଦ୍ଧା ଫେରାର ରହିଛନ୍ତି। କୋର୍ଟରେ ମାମଲାର ବିଚାର ଚାଲିଥିବା ବେଳେ ସେ ହାଜର ନ ହେବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛି।

ପ୍ରକାଶ ଯେ, ୨୦୨୨ ଜୁଲାଇ ୨୬ ରେ ଅବକାରୀ ଗୋଇନ୍ଦା ଟିମ ରଘୁନାଥପୁର ଛକରେ ସନ୍ଦେହ ଜନକ ଅବସ୍ଥାରେ ଠିଆ ହୋଇଥିବା ଦୁଇଜଣ ଯୁବକଙ୍କୁ ଅଟକାଇ ଜେରା କରିଥିଲା। ସେମାନେ ଧରିଥିବା ଦୁଇଟି ଏୟାର ବ୍ୟାଗରୁ ୨୧କେଜି ୧୦୦ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ସମ୍ପୃକ୍ତ ଦୁଇଜଣ ଯୁବକଙ୍କୁ ଅବକାରୀ ଟିମ୍ ଗିରଫ କରିଥିଲା। ସେମାନେ ହେଲେ ରିକାତ ଅଲି ମୁଲା ଓ ସଦ୍ଧିକ ମୁତାବକ ମୁଲା। ମାମଲା ନମ୍ବର ୨୬/୨୨-୨୩ ରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ସଦ୍ଧିକ ମୁତାବକ ମୁଲାଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସୋମବାର ରାୟ ପ୍ରକାଶ ବେଳେ ଗିରଫଠାରୁ ଛତ୍ରପୁର ଉପ କାରାଗାରରେ ଥିବା ରିକାତ ଅଲି ମୁଲାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଏଡିଜେ ଉପରୋକ୍ତ ରାୟ ଶୁଣାଇଛନ୍ତି ବୋଲି ମୁଦାଲାଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିବା ଆଇନଜୀବୀ ସରୋଜ ଗୌଡ଼ ସୂଚନା ଦେଇଛନ୍ତି।

# ଚିନ୍ମୟାନନ୍ଦ ସରସ୍ୱତୀଙ୍କ ୧୦୮ତମ ଜୟନ୍ତୀ

**ବ୍ରହ୍ମପୁର ଅଫିସ,୮।୫**

ଚିନ୍ମୟ ମିଶନ ଓ ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠାତା ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀଙ୍କ ୧୦୮ ତମ ଜୟନ୍ତୀ ଉତ୍ସବ ବସନ୍ତ ବିହାରସ୍ଥିତ ଚିନ୍ମୟ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଆରମ୍ଭରେ ଚିନ୍ମୟାନନ୍ଦ ସରସ୍ୱତୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ ସହ ସ୍ୱାମୀ ସଦା ଶିବାନନ୍ଦଜୀଙ୍କ ପୂଜା କରିଥିଲେ। ଉତ୍ସବରେ ବ୍ରହ୍ମପୁର ବଡ ମେଡିକାଲ ସ୍ତ୍ରୀ ଓ ପ୍ରସୂତି ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡା. ଲକ୍ଷ୍ମୀବାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଡା. ସୁରେଶ ଚନ୍ଦ୍ର ମିଶ୍ର ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀଙ୍କ ତ୍ୟାଗ, ତପସ୍ୟା ଜୀବନ, ଜୀବନାଦର୍ଶ, ଚିନ୍ମୟ ଦର୍ଶନ ଓ ସ୍ୱାମୀଜୀଙ୍କ ପରିକଳ୍ପିତ ଭାରତ ବର୍ଷର ସମ୍ଭାବନା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଚିନ୍ମୟ ଯୁବ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ସ୍ୱାମୀ ମିତ୍ରାନନ୍ଦଜୀ ଭର୍ଚୁଆଲରେ ଚିନ୍ମୟାନନ୍ଦଙ୍କ ଜୀବନର ଅନେକ ମହତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଆଶ୍ରମର ପ୍ରମୁଖ କାର୍ଯ୍ୟ କର୍ତ୍ତା ପୁରୁଷୋତ୍ତମ ଦାଶ ସଂଯୋଜନା କରିଥିଲେ। ଡା. ଶଙ୍କର୍ଷଣ ପାତ୍ରଙ୍କ ସମେତ ଆଶ୍ରମର ବହୁ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।





ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ନିଜସ୍ୱ ମନ୍ଦିରରୁ ଆସି ପୂଜା ମଣ୍ଡପରେ ବିଜେ ମା'

**ତାରାଦେବୀ ଠାକୁରାଣୀଙ୍କ ଦ୍ୱି-ବାର୍ଷିକ ଯାତ୍ରା ଆରମ୍ଭ**

- ଲାଞ୍ଜିପଲୀ ଚଳଚଞ୍ଚଳ ଓ ଉତ୍ସବମୁଖର

**ବ୍ରହ୍ମପୁର ଅଫିସ,୮।୫**

ବ୍ରହ୍ମପୁର ଲାଞ୍ଜିପଲ୍ଲୀସ୍ଥିତ ତାରା ଦେବୀ ଠାକୁରାଣୀଙ୍କ ପ୍ରସିଦ୍ଧ ଦ୍ୱି-ବାର୍ଷିକ ଯାତ୍ରା ସୋମବାରରୁ ଆରମ୍ଭ ହୋଇଛି। ଏହା ୨୧ ଦିନ ଧରି ହେବାର କାର୍ଯ୍ୟକ୍ରମ ରହିଛି। ବିଳମ୍ବିତ ସନ୍ଧ୍ୟା ପରେ ଅସ୍ଥାୟୀ ମଣ୍ଡପ ନିକଟରେ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ବାଦ୍ୟ ବାଜଣା, ଶଙ୍ଖ ମହୁରୀ ଓ ମହିଳାଙ୍କ ହୁଳହୁଳିରେ ବିଶାଳ ପଟୁଆର ବାହାରିଥିଲା। ମା'ଙ୍କ ନିଜସ୍ୱ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଚିତ୍ର ବିଚିତ୍ର ଚାଉଡ଼ିରେ ନିଆଯାଇ ଇଟାମଲ୍ଲି ଓ ମନ୍ଦାର ଫୁଲମାଳ ଠାକୁରାଣୀଙ୍କ ମସ୍ତକରେ ସ୍ଥାପନ ସହ ପୁରୋହିତଙ୍କ ମନ୍ତ୍ର ଓ ଚଣ୍ଡିପାଠ ଦ୍ୱାରା ମା'ଙ୍କୁ ଆବାହନ କରାଯାଇଥିଲା। ମସ୍ତକରୁ ମାଳ ଆପେ ଖସିବାରୁ ପୁଣି ପଟୁଆରରେ ଅସ୍ଥାୟୀ ମଣ୍ଡପକୁ ଅଣାଯାଇ ସ୍ଥାପନ କରାଯାଇଥିଲା। ଫଳରେ ଚଳିତ ବର୍ଷର ଯାତ୍ରା ବିଧି ଅନୁସାରେ ଆରମ୍ଭ ହୋଇଥିଲା। ଦେଶୀ ବେହେରା କୁହାଯାଉଥିବା କୁନା ସାବତ ମୁଣ୍ଡାଇ ଆଣିଥିଲେ। ଯାତ୍ରା ପରିଚାଳନା ପାଇଁ ଗଠିତ କମିଟି ସଭାପତି ଭଗବତ ପ୍ରସାଦ ସିଂହଦେଓ ସଭାପତି ଏବଂ ହୃଷୀକେଶ ପାତ୍ର ସମ୍ପାଦକ ଅଛନ୍ତି। ଅଞ୍ଚଳର ଆଧ୍ୟାତ୍ମିକ ପ୍ରେମୀମାନେ ସଦସ୍ୟ ଥିବା ବେଳେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ କାଉନସିଲର ଜଗନ୍ନାଥ ସାବତ ଉପଦେଷ୍ଟା ହୋଇଛନ୍ତି। ଯାତ୍ରାରେ ଶାନ୍ତି ଶୃଙ୍ଖଳା ବଜାୟ ନିମନ୍ତେ ଦୁଇଦିନ ତଳେ ପୋଲିସ ଓ କମିଟି ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ନିରବଚ୍ଛିନ୍ନ ଜଳଯୋଗାଣ ଓ ବିଦ୍ୟୁତ୍ ବ୍ୟବସ୍ଥା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଅଞ୍ଚଳରେ ମଦ ବ୍ୟବସାୟ ଉପରେ କଟକଣା କରାଯାଇଛି।



ତାରାଦେବୀ ଠାକୁରାଣୀ।

ସୂଚନାଯୋଗ୍ୟ, ବ୍ରହ୍ମପୁର ବୁଢ଼ୀ ଠାକୁରାଣୀଙ୍କ ଦ୍ୱି-ବାର୍ଷିକ ଯାତ୍ରା ସରିବା ପରେ ତାରାଦେବୀ ଠାକୁରାଣୀ ଯାତ୍ରା ହେବାର ପରମ୍ପରା ରହିଛି। ଲାଞ୍ଜିପଲ୍ଲୀ ଯାତ୍ରାରେ ମଧ୍ୟ ବିଭିନ୍ନ ଦେବ ଦେବୀଙ୍କ ରଥ ଓ କଳାକୁଞ୍ଜ ଖୋଲିବ। ଅସ୍ଥାୟୀ ମଣ୍ଡପରେ ତାରା ଦେବୀ ୪ ଦିନ ବିଶ୍ରାମ ନେଇ କେବଳ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ୧୨ ତାରିଖଠାରୁ ପ୍ରତ୍ୟହ ସନ୍ଧ୍ୟାରେ ମା'ଙ୍କ ଘଟ ବିଭିନ୍ନ ସାହି ପରିକ୍ରମା କରିବ ଏବଂ ଅଞ୍ଚଳବାସୀଙ୍କ ଦାଣ୍ଡ ଦୁଆରେ ଦର୍ଶନ ଦେବେ। ଘଟ ବୁଲିବା ବେଳେ ସମସ୍ତଙ୍କ ଘର ଆଗରେ ପୂର୍ଣ୍ଣ କୁମ୍ଭ ଓ ଦୀପ ପ୍ରଜ୍ୱଳନ ସହ ମା'ଙ୍କ ପ୍ରିୟ ଗଇଁଠା ଖିରି ଭୋଗ ଲାଗିବାର ବିଧି ରହିଛି। ଅପରପକ୍ଷରେ ଯାତ୍ରା ପାଇଁ ଲାଞ୍ଜିପଲ୍ଲୀର ୩୬, ୩୭ ଓ ୩୮ ନଂ. ୱାର୍ଡର ସବୁ ସାହିରେ ରଙ୍ଗବେରଙ୍ଗର ଆଲୋକମାଳା ଆରମ୍ଭରୁ ଝଲସୁଛି। ୩ଟି ଯାକ ୱାର୍ଡ ଉତ୍ସବ ମୁଖର ହୋଇଛି। ମାନସିକଧାରୀଙ୍କ ବେଶ ବାହାରିବାର ମଧ୍ୟ ପରମ୍ପରା ରହିଛି।

